# ନଦୀରୁ ନିର୍ମାଣ ସାମଗ୍ରୀ ଅପସାରଣ ନିର୍ଦ୍ଦେଶ

- ବୈତରଣୀ ନଦୀର ନୂଆପାଟଣା ବ୍ରିଜ୍ ଅଧାପନ୍ତରିଆ
- ପଡ଼ିରହିଛି ନିର୍ମାଣ ସାମଗ୍ରୀ, କଂକ୍ରିଟ ନଦୀବନ୍ଧ ନିର୍ମାଣ ଦାବି

ଯାଜପୁର,୨୪।୪(ହର୍ଷବର୍ଦ୍ଧନ ବେହେରା) :



ବୈତରଣୀ ନଦୀର ନୂଆପାଟଣାଠାରେ ଅଧାପନ୍ତରିଆ ବ୍ରିଜ୍ ତଳେ ଜମାହୋଇ ରହିଥିବା ନିର୍ମାଣ ସାମଗ୍ରୀ ।

ଆସନ୍ତା ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟାର ମୁକାବିଲା କରିବାକୁ ରାଜ୍ୟ ସରକାରଙ୍କ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ କାର୍ଯ୍ୟାଳୟରୁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ବନ୍ୟା ପ୍ରସ୍ତୁତି କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସମସ୍ତ ନଦୀ ଅବବାହିକା ଅଧିକାରୀମାନଙ୍କୁ ଅନୁରୋଧ କରାଯାଇଛି। ନଦୀବନ୍ଧଗୁଡିକର ପ୍ରାକ୍ ମୌସୁମୀ ଯାଞ୍ଚ, ଗଜ ପୋଷ୍ଟ ରଙ୍ଗ କରିବା, ବନ୍ଧ ଏବଂ ବ୍ୟାରେଜଗୁଡ଼ିକର ପରିଚାଳନା ପାଇଁ ମକ୍ ଡ୍ରିଲ୍, ସ୍ଲୁଇସ୍ ଗେଟ୍ ଏବଂ କୌଣସି ସ୍ଥାନରେ ଯଦି ତ୍ରୁଟି ଥାଏ, ତାହାକୁ ଆସନ୍ତା ୩୧ ମେ ସୁଦ୍ଧା ସଂଶୋଧନ, ନିର୍ଦ୍ଧାରିତ ଫର୍ମାଟ ଅନୁସାରେ ବନ୍ଧଗୁଡିକର ସ୍ଥିତି ନିରୀକ୍ଷଣ ରିପୋର୍ଟ ଦାଖଲ, ୨୦୨୫ ବନ୍ୟା ସମୟରେ ହୋଇଥିବା କ୍ଷୟକ୍ଷତିର ପୁନରୁଦ୍ଧାର କାର୍ଯ୍ୟ ସ୍ଥିତି ଜଣାଇବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଏହାବାଦ ନଦୀ ଏବଂ ଜଳ ନିଷ୍କାସନ ଚ୍ୟାନେଲଗୁଡ଼ିକ ଉପରେ ପଡ଼ିରହିଥିବା ସେତୁ ନିର୍ମାଣ ସାମଗ୍ରୀ ଏବଂ ଡାଇଭର୍ସନ ରାସ୍ତା ଅପସାରଣ କରିବାକୁ ନିର୍ମାଣ ବିଭାଗ ପକ୍ଷରୁ ଅନୁସଚିବ ପ୍ରତାପ କୁମାର ଜେନା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଏବଂ ଏହାର ଶାଖାନଦୀଗୁଡିକରେ ଏହି ସବୁ ନିର୍ଦ୍ଦେଶ କିମ୍ବା ଅନୁରୋଧ ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଗତ ବର୍ଷ ଅଧାପନ୍ତରିଆ ନୂଆପାଟଣା ହାଇଲେଭଲ ବ୍ରିଜ୍ ପାଇଁ ବୈତରଣୀ ନଦୀରେ ଘାଇ ସୃଷ୍ଟି ହୋଇ ବନ୍ୟାରୂପ ନେଇଥିଲା। ସେଥିରେ ବ୍ୟବହୃତ ନିର୍ମାଣ ସାମଗ୍ରୀ ଆଜି ପର୍ଯ୍ୟନ୍ତ ସେଠାରୁ ଅପସାରଣ କରାଗଲା ନାହିଁ କିମ୍ବା ବ୍ରିଜ୍ କାର୍ଯ୍ୟ ଶେଷ ହୋଇପାରିନାହିଁ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ଫଳରେ ବନ୍ୟା ପାଣି ଦିଗ ପରିବର୍ତ୍ତନ କରି ନଦୀବନ୍ଧ ଉପରେ ଚାପ ସୃଷ୍ଟି ହୋଇ ପୁଣି ଘାଇ ହେବା ସମ୍ଭାବନା ରହିଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ସେଠାରେ ପଥର ପ୍ୟାକିଂ କରାଯାଇ ଗତ ବର୍ଷ ସୃଷ୍ଟି ହୋଇଥିବା ଘାଇର ମରାମତି ହୋଇଥିଲେ ହେଁ ଅଞ୍ଚଳବାସୀଙ୍କ ମଧ୍ୟରେ ସେହି ଅଧାପନ୍ତରିଆ ବ୍ରିଜ୍ ଓ ପଡି ରହିଥିବା ନିର୍ମାଣ ସାମଗ୍ରୀ ପାଇଁ ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ବର୍ଷାଦିନ ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବ୍ରିଜ୍‌କାର୍ଯ୍ୟ ସମ୍ପୂର୍ଣ୍ଣ କିମ୍ବା ନିର୍ମାଣ ସାମଗ୍ରୀ ଅପସାରଣ ନ ହେଲେ ପୁଣି ସେଠାରେ ବନ୍ୟା ହେବା ଆଶଙ୍କା ରହିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ବିଭିନ୍ନ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ କରିବାକୁ ନଦୀର ପ୍ରଖରତାକୁ ଲକ୍ଷ୍ୟ କରି ମାଟି ସହ ପଥର ପ୍ୟାକିଂ କିମ୍ବା କଂକ୍ରିଟ ନଦୀବନ୍ଧ ନିର୍ମାଣ କରାଯାଇଛି। କିନ୍ତୁ ଓଡ଼ିଶାରେ ଅଧିକାଂଶ ନଦୀବନ୍ଧ କେବଳ ମାଟିରେ ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ଅଳ୍ପ ନଦୀବନ୍ଧରେ ପଥର ପ୍ୟାକିଂ ହୋଇଥିଲେ ହେଁ ତାହା ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଉଛି। ଏଭଳି ସ୍ଥିତି ଯୋଗୁ ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ ଓ ଏହାର ଶାଖାନଦୀଗୁଡିକରେ ପ୍ରାୟ ପ୍ରତିବର୍ଷ ବନ୍ୟା ଯୋଗୁ ବହୁ ଧନଜୀବନ କ୍ଷତି ହେଉଛି। ତେଣୁ କାହିଁକି କଂକ୍ରିଟ କିମ୍ବା ପଥର ପ୍ୟାକିଂ ନଦୀବନ୍ଧ ନିର୍ମାଣ ହେଉନାହିଁ ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅପରପକ୍ଷରେ ବନ୍ୟା ପାଣିରେ ଲୋକେ ତଳିତଳାନ୍ତ ହୁଅନ୍ତୁ ପଛେ, ବନ୍ୟା ବିପନ୍ନଙ୍କ ପ୍ରତି ରାଜନୈତିକ ପ୍ରଭାବ ବିସ୍ତାର, ରିଲିଫ ବଣ୍ଟନରେ ହେରଫେର, ଘାଇ ସୃଷ୍ଟି ହେଲେ ଠିକାଦାରଙ୍କୁ ଅନୁକମ୍ପା ଇତ୍ୟାଦି ମନ୍ଦ ଉଦ୍ଦେଶ୍ୟ ରଖି କଂକ୍ରିଟ ନଦୀବନ୍ଧକୁ ଉପେକ୍ଷା କରାଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଯାଜପୁର ଜିଲାରେ ବୈତରଣୀ ଓ ତା'ର ଶାଖାନଦୀଗୁଡିକରେ ପ୍ରାୟ ୪୦୦ କିଲୋମିଟର ବନ୍ଧବାଡ଼ ରହିଛି। ଆର୍‌ଆଇଡିଏଫ୍, ନାବାର୍ଡ, ସ୍ୱତନ୍ତ୍ର ରିଲିଫ କମିଶନ, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆଦିର ଅନୁଦାନ ବିନିଯୋଗ ହେଉଛି ସିନା ସ୍ଥାୟୀ ପ୍ରତିକାର ଦିଗରେ ଆନ୍ତରିକତା ନ ଥିବା ମନେହେଉଛି। ଗତ ୧୦ ବର୍ଷ ମଧ୍ୟରେ ବୈତରଣୀ ନଦୀବନ୍ଧ ଡାହାଣ ପାର୍ଶ୍ୱ ଏବଂ ବ୍ରାହ୍ମଣୀ ନଦୀର ବିଭିନ୍ନ ନଦୀବନ୍ଧର ସୁଦୃଢ଼ୀକରଣ କରାଯାଇଛି। କିନ୍ତୁ ୨୦୨୦ ଅଗଷ୍ଟ ଶେଷ ବେଳକୁ ଜିଲାରେ ପ୍ରଳୟଙ୍କରୀ ବନ୍ୟାରେ ବୈତରଣୀ, ବ୍ରାହ୍ମଣୀ ଏବଂ ଏହାର ଶାଖାନଦୀଗୁଡ଼ିକରେ ୨୭ଟି ଘାଇ ସୃଷ୍ଟି ହୋଇଥିଲା। ଏଥିରେ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ବହୁ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଇତିମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଥର ବନ୍ୟା ଆସିଛି। ୨୦୨୫ରେ ମଧ୍ୟ ବୈତରଣୀରେ ୫ମ ଥର ବନ୍ୟା ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ଏଥିରେ ୧୪ ପଞ୍ଚାୟତର ୧୮,୪୩୩ ଲୋକ ପ୍ରଭାବିତ ହୋଇଥିଲେ। ବୈତରଣୀରେ ଭାସି ଯାଇ ଜଣଙ୍କ ମୃତ୍ୟୁ ହୋଇଥିଲା। ତେଣୁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଉପରୋକ୍ତ ପ୍ରାକ୍ ପ୍ରସ୍ତୁତି ଉପରେ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଗଲେ ନଦୀକୂଳିଆବାସୀ ଶାନ୍ତିରେ ଜୀବନ ଅତିବାହିତ କରିପାରିବେ ବୋଲି ଆଶା କରାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଜିତ୍



@ ଲିଅନ୍



@ ସଚିନ



@ ସିଦ୍ଧେଶ୍ୱର



@ ସତ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିକାଶ ପାଇଁ ଲୋକପ୍ରତିନିଧି ଯତ୍ନବାନ୍ ହୁଅନ୍ତୁ



ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଅତିଥିମାନେ।

**ବରୀ, ୨୪।୪(ମହେନ୍ଦ୍ର ସ୍ୱାଇଁ)**

ବିକାଶ କ୍ଷେତ୍ରରେ ଲୋକ ପ୍ରତିନିଧିମାନେ ଯତ୍ନବାନ୍ ହେଲେ ସଫଳତା ମିଳିବ। ଶୁକ୍ରବାର ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି। ବକ୍ତବ୍ୟ ରଖି ସେ କହିଛନ୍ତି, ଦଳମତ ନିର୍ବିଶେଷରେ ସରକାରୀ ଯୋଜନା କିଭଳି ଭାବରେ ସଫଳ ରୂପାୟନ ହୋଇପାରିବ ସେ କ୍ଷେତ୍ରରେ ଲୋକ ପ୍ରତିନିଧିମାନେ ଉଦ୍ୟମ କରିବାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ ବିଡିଓ ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ ଉପସ୍ଥିତ ରହି ସରକାରୀ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ପ୍ରଶାସନକୁ ସହଯୋଗ କରିବାକୁ ଅଧିକାରୀମାନେ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରମ୍ଭା ଗ୍ରାମପଞ୍ଚାୟତ ସରପଞ୍ଚ ମାନସ ଜେନା, ଧୀରେନ୍ଦ୍ର ଜେନା, ଦେବୀ ପ୍ରସାଦ ମିଶ୍ର, ସମିତି ସଭ୍ୟା ସୁଧାଂଶୁବାଳା ସାମଲ, ସରପଞ୍ଚ ପ୍ରତିନିଧି ମନୋଜ ସିଂଙ୍କ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପାଣି ସଙ୍କଟ
# ବିଡିଓ, ବିଧାୟକଙ୍କୁ ଚିଠି ଲେଖିଲେ ସରପଞ୍ଚ

ପାଣିକୋଇଲି, ୨୪।୪(ବିକାଶ ଚନ୍ଦ୍ର ମଲ୍ଲିକ):

ପ୍ରଚଣ୍ଡ ରୌଦ୍ରତାପକୁ ଗୁଳୁଗୁଳି । ଏହା ମଧ୍ୟରେ ଜଳକଷ୍ଟ । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପାଣିକୋଇଲି ପଞ୍ଚାୟତ ୪ଟି ରାଜସ୍ୱ ଗ୍ରାମ ଓ ୧୨ଟି ୱାର୍ଡକୁ ନେଇ ଗଠିତ । ମେଗା ପାନୀୟ ଜଳ ଯୋଗାଣ ସାତସପନ ହୋଇଥିବା ବେଳେ ପୂର୍ବରୁ ଦୁଇଟି ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଜଳ ଯୋଗାଯାଉଥିଲା । ପାଇପ ଯାଇ ନ ଥିବାରୁ କେତେକ ୱାର୍ଡ ବା ରାଜସ୍ୱ ଗ୍ରାମରେ ଏହାର ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷେ ଅନେକ ସ୍ଥାନରେ ପାଇପ ଫାଟି ଯିବା ଯୋଗୁ ଜଳ ଯୋଗାଣ ହୋଇପାରୁ ନାହିଁ । ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁ ସାଧାରଣ ନଳକୂପରୁ ପାଣି ବାହାରୁ ନାହିଁ । ଏ ନେଇ ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ବିଧାୟକ ଆକାଶ ଦାସନାୟକ ଓ କୋରେଇ ବିଡିଓଙ୍କୁ ଚିଠି ଲେଖି ଜଣାଇଛନ୍ତି । ତୁରନ୍ତ ଫାଟି ଯାଇଥିବା ପାଇପର ମରାମତି, ନୂତନ ନଳକୂପ ଖନନ ସହ ଟ୍ୟାଙ୍କର ଯୋଗେ ପାଣିଯୋଗାଣ ପାଇଁ ଦାବି କରିଛନ୍ତି ।

# ଗୃହ ଗଣନା, ଜନଗଣନା କାର୍ଯ୍ୟ ତ୍ୱରାନ୍ୱିତ

ଯାଜପୁର ସଦର, ୨୪।୪(ସମର ବିଜୟ ଶରଣ)

ଜନଗଣନା ୨୦୨୭ ଅନୁସାରେ ଯାଜପୁର ଟାଉନ ସେନ୍‌ସସ୍ ଚାର୍ଜ ଅଧୀନରେ ଥିବା ଜିଲାପାଳଙ୍କ ବାସଗୃହ, ଜିଲା ଦୌରାଜଜ, ଅତିରିକ୍ତ ଜିଲାଜଜ୍, ଅତିରିକ୍ତ ଜିଲାପାଳ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲାପାଳଙ୍କ ବାସଗୃହର ଗୃହଗଣନା କାର୍ଯ୍ୟ ଶୁକ୍ରବାର କରାଯାଇଥିଲା। ଯାଜପୁର ଟାଉନ ସେନ୍‌ସସ୍ ଚାର୍ଜ ଅଫିସର ଲକ୍ଷ୍ମୀଧର ରାଉତଙ୍କ ତତ୍ତ୍ୱାବଧାନରେ ଗଣନାକାରୀ ଜ୍ୟୋତ୍ସ୍ନାରାଣୀ ମାରାଣ୍ଡି, ସୁପରଭାଇଜର ଆଶୁତୋଷ ଦାସଙ୍କ ସମେତ ମାଷ୍ଟର ଟ୍ରେନର ହେମନ୍ତ କୁମାର ସାହୁ ଓ ଅମିୟ କୁମାର ସ୍ୱାଇଁ ପ୍ରମୁଖ ଗୃହ ଗଣନା କାର୍ଯ୍ୟ ସମ୍ପାଦନ କରିଥିଲେ। ବର୍ତ୍ତମାନ ଟାଉନ ସେନ୍‌ସସ୍ ଅଧୀନରେ ୯୦ ଗୋଟି ଏଚ୍‌ଏଲ୍‌ବିରେ ୯୦ ଜଣ ଜନଗଣନାକାରୀ ଓ ୧୫ ଜଣ ସୁପରଭାଇଜର ଗୃହ ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗୃହ ଗଣନା କାର୍ଯ୍ୟ ୧୬।୪।୨୦୨୬ରୁ ୧୫।୫।୨୦୨୬ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବର୍ତ୍ତମାନ ଭାରତ ସରକାର ତଥା ଓଡ଼ିଶା ସରକାରଙ୍କ ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ମତେ ପ୍ରମୁଖ ଜନଗଣନା ଅଧିକାରୀ ତଥା ଜିଲାପାଳ ଅମ୍ବର କୁମାର କର ଏବଂ ଜିଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ଯାଜପୁର ଜିଲାରେ ଗୃହ ଗଣନା କାର୍ଯ୍ୟ ଚାଲୁ ରହିଛି।

# ଠକେଇ: ଯୁବକଙ୍କୁ ଉଠାଇନେଲା ମୁମ୍ବାଇ ପୋଲିସ

କାଏମା, ୨୪।୪ ( ଶିବ ପ୍ରସାଦ ମହାନ୍ତି )

ଏକ ଠକେଇ ମାମଲାରେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ନେଉଳପୁର ଅଞ୍ଚଳର ଜଣେ ଯୁବକଙ୍କୁ ମୁମ୍ବାଇ ପୋଲିସ ଶୁକ୍ରବାର ଉଠାଇ ନେଇଥିବା ଜଣାପଡ଼ିଛି। ସୂଚନା ମୁତାବକ ନେଉଳପୁର ଅଞ୍ଚଳର ଅବଦୁଲ ମୁତଲିବ(୨୪) ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ମୁମ୍ବାଇ ପୋଲିସ ନିକଟରେ ଗତବର୍ଷ ଅଭିଯୋଗ ହୋଇଥିଲା। ଏନେଇ ମୁମ୍ବାଇ ପୋଲିସ ୮୪୯/୨୦୨୫ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ମୁତଲିବଙ୍କ ନାମ ସାମ୍ନାକୁ ଆସିଥିଲା। ଗୁରୁବାର ରାତିରେ ଧର୍ମଶାଳା ପୋଲିସ ସହାୟତାରେ ମୁମ୍ବାଇ ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ଚଣ୍ଡିଖୋଲ କୋର୍ଟରେ ମୁତଲିବଙ୍କୁ ମୁମ୍ବାଇ ପୋଲିସ ହାଜର କରାଇ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି। ଏହି ଘଟଣାରେ ଏକାଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ସନ୍ଦେହରେ ମୁମ୍ବାଇ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି।

# ୪ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ କାର୍ଯ୍ୟାଦେଶ

**ସୁକିନ୍ଦା, ୨୪।୪(ସତ୍ୟଜିତ ଦାଶ)**

ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଗ୍ରାମପଞ୍ଚାୟତ ସ୍ତରରୁ ଜନସାଧାରଣ କିଭଳି ଭାବରେ ସମସ୍ତ ସୁବିଧା ସୁଯୋଗ ପାଇପାରିବେ ସେଇ ଦିଗରେ ସମସ୍ତ ଅଧିକାରୀ ଏବଂ ନିର୍ବାଚିତ ଜନ ପ୍ରତିନିଧିମାନେ ଧ୍ୟାନଦେବା ଉଚିତ। ଏହା ହିଁ ପଞ୍ଚାୟତିରାଜ ଦିବସ ପାଳନର ଅସଲ ଉଦ୍ଦେଶ୍ୟ ବୋଲି ବିଡିଓ ପ୍ରଜ୍ଞାପରମିତା ପୃଷ୍ଟି କହିଥିଲେ। ଏହି ଅବସରରେ ୪ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ କୁମାର ମହାନ୍ତି ଏହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ରଞ୍ଜନ କୁମାର ବେହେରା, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ବିଶ୍ୱାଳ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗୀତାରାଣୀ ସାମଲ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତାର ଲାଇଭ ଭିଡିଓ ପ୍ରସାରଣ କରାଯାଇଥିଲା।



ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

# ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମୀଣ ଶାସନର ମୂଳ ଆଧାର



ବ୍ଲକ ଅଧ୍ୟକ୍ଷା ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରୁଛନ୍ତି।

ବିଞ୍ଝାରପୁର, ୨୪।୪ (ରାମକୃଷ୍ଣ ଦାସ)

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ଯାଜପୁର ଜିଲା ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ସକାଶେ ବ୍ଲକସ୍ତରରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ଜନସଭାରେ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ରଣଜିତ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, ଅନ୍ୟତମ ଅତିଥିଭାବେ ଏବିଡିଓ ସତ୍ୟଜିତ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ, ସମସ୍ତ ଗ୍ରାମପଞ୍ଚାୟତର ପିଇଓ ଯୋଗଦେଇ ପଞ୍ଚାୟତ ସମୂହର ଉନ୍ନୟନ କାର୍ଯ୍ୟ, ସ୍ୱଚ୍ଛ ପାନୀୟ ଯୋଗାଣ, ରାସ୍ତାଘାଟ ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜନସାଧାରଣଙ୍କ ଭୂମିକା ପଞ୍ଚାୟତିରାଜ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଓ ଗ୍ରାମ୍ୟ ଉନ୍ନୟନରେ ଲୋକଙ୍କ ସକ୍ରିୟ ଅଂଶ ଗ୍ରହଣ କରିବା ଉଚିତ ବୋଲି ବ୍ଲକ ଅଧ୍ୟକ୍ଷା ଦାସ ଆହ୍ୱାନ ଦେଇଥିଲେ। ଅନ୍ୟ ବକ୍ତାମାନେ ନିଜ ବକ୍ତବ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମୀଣ ଶାସନର ମୂଳ ଆଧାର ଓ ଏହା ମାଧ୍ୟମରେ ଲୋକଙ୍କ ସହଭାଗିତା ବଢ଼ିଥାଏ। ଗ୍ରାମର ସାମଗ୍ରିକ ଉନ୍ନତି ପାଇଁ ସମସ୍ତଙ୍କ ସମନ୍ୱୟ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏଥିସହିତ ବିଭିନ୍ନ ଗ୍ରାମପଞ୍ଚାୟତର ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତର ପ୍ରତିନିଧି, ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ବିଞ୍ଝାରପୁର ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଦିବସ ଅବସରରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକ୍ ପରିସରରେ ଅଭ୍ୟର୍ଥନା ଗୃହ ଉଦ୍‌ଘାଟିତ

**ଧର୍ମଶାଳା/କାଏମା ୨୪।୪ (ବଟକୃଷ୍ଣ ପରିଡା/ଶିବ ପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବ୍ଲକ ପରିସରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମଞ୍ଚରେ ଲାଗିଥିବା ଏଲଇଡି ସ୍କ୍ରିନ୍‌ରେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ଜିଲା ପରିଷଦ ବୈଠକର ପାରଦର୍ଶିତା, ଗ୍ରାମୀଣ ଆବାସ ଯୋଜନା, ଗ୍ରାମକୁ ପାନୀୟ ଜଳ ଯୋଗାଣ ଉପରେ ସିଧାପ୍ରସାରଣ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ଶୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ବିଡିଓ ଜ୍ୟୋତିର୍ମୟ କର, ଏମ୍‌ପି ପ୍ରତିନିଧି କାହ୍ନୁଚରଣ ଦାଶ, ଏବିଡିଓ ସୁରେଶ ଚନ୍ଦ୍ର ପଣ୍ଡା, ସିଡିପିଓ ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା, ଜିଲା ପରିଷଦ ସଭ୍ୟ ସୁଧାଂଶୁ ଶେଖର ସାହୁ, ସରପଞ୍ଚ ସୁଦାମ ବେହେରା, ଫକୀର ଚରଣ ମିଶ୍ର, ନିର୍ମଳ କୁମାର ଦାସ, ତ୍ରିଲୋଚନ ଜେନା, ସମିତି ସଭ୍ୟ ପ୍ରିୟବ୍ରତ ପ୍ରଧାନ, ଅନ୍ନପୂର୍ଣ୍ଣା ସାହୁଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି, ପିଇଓ ଓ ବ୍ଲକସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବ୍ଲକ ପରିସରରେ ପଞ୍ଚାୟତ ଜନ ପ୍ରତିନିଧିଙ୍କ ବ୍ୟବହାର ଉଦ୍ଦେଶ୍ୟରେ ପଞ୍ଚାୟତ ସମିତି ଅତିଥିଶାଳା(ଅଭ୍ୟର୍ଥନା ଗୃହ)କୁ ଅଧ୍ୟକ୍ଷା ଦାସ ଉଦ୍‌ଘାଟନ କରିଥିଲେ। ଏହି ଗୃହ ହେବା ଫଳରେ ଜରୁରୀ କାମରେ ବ୍ଲକକୁ ଆସୁଥିବା ସାଧାରଣ ଲୋକେ ସେଠାରେ ବିଶ୍ରାମ ନେଇପାରିବେ।



ପଞ୍ଚାୟତ ସମିତି ଅତିଥିଶାଳାକୁ ଅଧ୍ୟକ୍ଷା ଶୁଚିସ୍ମିତା ଦାସ ଉଦ୍‌ଘାଟନ କରୁଛନ୍ତି।

# ବଗପାଟିଆରେ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ବୈଠକ

ରାଜନଗର,୨୪।୪(ଭାସ୍କର ରାଉତରାୟ)

ବଙ୍ଗୋପସାଗର ଆଁମୁହଁରେ ଥିବା ସାତଭାୟାବାସୀଙ୍କୁ ବଗପାଟିଆଠାରେ ଥଇଥାନ କରାଯାଇଛି। ବଙ୍ଗୋପସାଗର ଆଁମୁହଁରେ ଥିବା ସାତଭାୟା ପଞ୍ଚାୟତକୁ ସମୁଦ୍ର ଗର୍ଭସ୍ଥ କରିବା ପରେ ବିପନ୍ନ ପରିବାରକୁ ବଗପାଟିଆଠାରେ ଥଇଥାନ କରାଯାଇଛି। ୨୦୧୮ରେ ଆରାଧ୍ୟା ଦେବୀ ମା'ପଞ୍ଚୁବରାହୀଙ୍କୁ ଥଇଥାନସ୍ଥଳୀକୁ ସ୍ଥାନାନ୍ତର କରାଯିବା ପରେ ସାତଭାୟାବାସୀ ଥଇଥାନ ସ୍ଥଳୀରେ ବସବାସ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫୭୧ ପରିବାରକୁ ଥଇଥାନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସାତଭାୟାର ୧୪୮ ପରିବାର ଓ ଚାରିଘରିଆର ୧୦୦ ପରିବାରକୁ କେବଳ ଜମି ଚିହ୍ନଟ କରି ଦିଆଯାଇଥିବା ବେଳେ ଆଜିଯାଏ ସେମାନଙ୍କୁ ଘର ଯୋଗାଇ ଦିଆଯାଇନାହିଁ। ଜଳବାୟୁ ପରିବର୍ତ୍ତନ ଯୋଗୁ ବଗପାଟିଆ ଭାରତର ପ୍ରଥମ ବିସ୍ଥାପିତ କଲୋନୀ। ବଗପାଟିଆକୁ ମଡେଲ ଭିଲେଜ କରିବା ପାଇଁ ସମୀକ୍ଷା ବୈଠକ ପରେ ସମୀକ୍ଷା ବୈଠକ ବସୁଛି। ମାତ୍ର ବର୍ତ୍ତମାନ ଥଇଥାନ ସ୍ଥଳୀର ଚିତ୍ର ବଦଳିନି। ଜିଲାପାଳ ବଦଳୁଛନ୍ତି, କିନ୍ତୁ ସାତଭାୟାବାସୀଙ୍କ ସସମ୍ୟା ସମାଧାନ ହୋଇପାରୁନି। ଶୁକ୍ରବାର ଜିଲାପାଳ ବାଉଁଶଗଡ ନଦୀ ପାର ହୋଇ ବାଇକ୍ ଯୋଗେ ନଦୀ ସେପଟେ ଥିବା ମଗରକନ୍ଦାରେ ପହଞ୍ଚି ଆଲୋଚନା କରିଥିଲେ। ଆଲୋଚନା ବେଳେ ମଗରକନ୍ଦାରେ ରହୁଥିବା ଅଧିବାସୀ ସେମାନଙ୍କ ମଧ୍ୟରୁ କେତେକ ପରିବାରକୁ ଥଇଥାନ ସ୍ଥଳୀରେ ଜମି ମିଳିଥିବା ବେଳେ ଜୀବିକା ପାଇଁ ଆଉ କିଛି ଦିଆଯାଇନି। ଜୀବୀକା ପାଇଁ ଜମି ଯୋଗାଇ ଦିଆଯାଉ ବୋଲି କହିଥିଲେ। ଏଠି ସହ ଅଧିକାଂଶ ପରିବାରକୁ ଥଇଥାନସ୍ଥଳୀରେ ଥଇଥାନ କରାଯାଇନି ବୋଲି ଅଭିଯୋଗ କରିଥିଲେ। ପରେ ସାତଭାୟା ସମୁଦ୍ର କୂଳରେ ପହଞ୍ଚି ସ୍ଥିତି ପରଖିଥିଲେ। ଏହାପରେ ସାତଭାୟା ସମୁଦ୍ର କୂଳରେ ରହୁଥିବା ଦୁଇ ପରିବାର ସହ କଥା ହୋଇଥିଲେ। କାହିଁକି ସେମାନେ ଥଇଥାନସ୍ଥଳୀକୁ ଯାଉନାହାନ୍ତି ସେ ନେଇ ପଚାରି ବୁଝିଥିଲେ। ଗୋଟିଏ ପରିବାରକୁ ଥଇଥାନ ସ୍ଥଳୀରେ ଜମି ମିଳିନଥିବା କହିଥିବା ବେଳେ ଅନ୍ୟ ଜଣେ ଘର କାମ ସରିଗଲାଣି ଶୀଘ୍ର ପଳାଇବେ ବୋଲି କହିଥିଲେ।

## ୨ ମାସ ଭିତରେ କାମ ସାରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ



ବଗପାଟିଆଠାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସାତଭାୟାବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ।

ସମୁଦ୍ର କୂଳରୁ ସ୍ଥିତି ଅନୁଧ୍ୟାନ କରି ଫେରିବା ପରେ ସାତଭାୟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲାପାଳ ରଘୁରାମ ଆର ଆୟାରଙ୍କ ପୌରୋହିତ୍ୟରେ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ବୈଠକ ବସିଥିଲା । ବୈଠକରେ ଉପଜିଲାପାଳ ଅରୁଣ କୁମାର ନାୟକ, ତହସିଲଦାର ଯିଶୁକୃଷ୍ଣ ଦାସ, ବିଡିଓ ଅଶୋକ କୁମାର ମହାନ୍ତି, ସରପଞ୍ଚ ପ୍ରସନ୍ନ କୁମାର ପରିଡା ଓ ଜିଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

ବୈଠକରେ ଥଇଥାନ ସ୍ଥଳୀର ବିଭିନ୍ନ ବିକାଶମୂଳକ କାମ ପାଇଁ ଆସିଥିବା ୨୨ କୋଟି ୫୨ ଲକ୍ଷ ଓ ମା' ପଞ୍ଚୁବରାହୀ ମନ୍ଦିର ପାଇଁ ଆସିଥିବା ୪ କୋଟି ଟଙ୍କାର କାମ କେଉଁ ସ୍ଥିତିରେ ରହିଛି। କାମଗୁଡିକ କାହିଁକି ଅଗ୍ରଗତି ହୋଇପାରୁ ନାହିଁ ସେ ନେଇ ସମୀକ୍ଷା କରିଥିଲେ। ଡ୍ରେନେଜ୍ ବିଭାଗ ପକ୍ଷରୁ ଖାଲୁଆ ସ୍ଥାନରେ ମାଟି ଫିଲିଂ କାମ ଚାଲିଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ମା'ଙ୍କ ମନ୍ଦିର କାମ ଚାଲିଛି। ମାତ୍ର ଥଇଥାନ ସ୍ଥଳୀର ମୁଖ୍ୟ ସମସ୍ୟା ୧ ନମ୍ବର ଲେନର ରାସ୍ତା କାମ ଆରମ୍ଭ ହୋଇଥିବା ବେଳେ ଅନ୍ୟ ରାସ୍ତା କାମ ଆରମ୍ଭ ହୋଇନି। ଏ ନେଇ ଜିଲାପାଳ ତାଗିଦା କରିବା ସହ ୨ ମାସ ଭିତରେ ସମସ୍ତ କାମ ସାରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟ ପକ୍ଷରେ ସାତଭାୟାର ବୀଣାକର ରାଉତ ୧୪୮ ପରିବାରକୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୨ରୁ ଜାଗା ଚିହ୍ନଟ ଦିଆଯାଇଛି। ମାତ୍ର ଆଜି ଯାଏ ଘର ପାଇଁ ଅର୍ଥ ଦିଆଗଲାନି। ଆମେ ୧୪୮ ପରିବାର କେଉଁଠି ଅଛୁ ପ୍ରଶାସନ ପାଖରେ ତାର ଖବର ଅଛି ନା ନାହିଁ ପ୍ରଶ୍ନ ପଚାରିଥିଲେ। ଏଥି ସହ ମୋ ବାପଙ୍କର ୪୬ ଏକର ସମ୍ପତ୍ତି ସାତଭାୟାରେ ରହିଛି। ଏ ଜମିକୁ ବନ ବିଭାଗକୁ ଜଙ୍ଗଲ ସୃଷ୍ଟି କରିବା ପାଇଁ ଦେଇ ଆମକୁ ତା ବଦଳରେ ଜମିର ଅର୍ଥ ଦିଆଯାଉ, ନଚେତ ଜମି ବିକିବାକୁ ଅନୁମତି ଦିଆଯାଉ ବୋଲି କହିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

## ଗ୍ରାମାଞ୍ଚଳର ବିକାଶ ହିଁ ଦେଶର ପ୍ରକୃତ ବିକାଶ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ମାର୍ଶାଘାଇ,୨୪।୪(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଦେଶର ଆତ୍ମା ଗାଁରେ ଅଛି। ଗ୍ରାମାଞ୍ଚଳର ବିକାଶ ହେବାପାଇଁ କ୍ଷମତାର ବିକେନ୍ଦ୍ରୀକରଣ ଆବଶ୍ୟକ। ଯାହା ପଞ୍ଚାୟତିରାଜ ବ୍ୟବସ୍ଥାରେ ହୋଇଥାଏ ବୋଲି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମାର୍ଶାଘାଇ ବ୍ଲକ ପରିସରରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ମତ ରଖିଥିଲେ। ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ବିଡ଼ିଓ ପଞ୍ଚାନନ ମଲ୍ଲିକ, ଏମ୍‌ପି ପ୍ରତିନିଧି ପ୍ରଜେଶ ରଞ୍ଜନ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସୁକାନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ। ଏବିଡ଼ିଓ ଇତିଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୨୮୩ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ଓ ୮୫ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

# ପଟ୍ଟାମୁଣ୍ଡାଇ ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୨୪।୪(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ବଲାଙ୍ଗୀରରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିବା ବେଳେ ଆଭାସୀ ମାଧ୍ୟମରେ ବ୍ଲକର ଅତିଥିମାନେ ଏହା ସହିତ ଯୋଡିହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ପ୍ରତିନିଧି ଉପସ୍ଥିତ ଥିଲେ।

# ଓଡ଼ିଶାବାସୀଙ୍କ ପାଇଁ ଅଭିଭାଷଣ ରଖିଲେ ମୁଖ୍ୟମନ୍ତ୍ରୀ

ରାଜକନିକା,୨୪।୪(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ପରିସର ସମ୍ମିଳନୀ କକ୍ଷରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଓଡ଼ିଶାବାସୀଙ୍କ ପାଇଁ ଅଭିଭାଷଣ ରଖି ଗ୍ରାମୀଣ ଭିତ୍ତିଭୂମି ଏବଂ ଅର୍ଥନୀତି ସୁଦୃଢ ହେବା ସହ ଗ୍ରାମୀଣ ଜୀବନ ସୁଗମ ହୋଇପାରିବ ବୋଲି ବିଭିନ୍ନ ଯୋଜନାର ଲକ୍ଷ୍ୟ ରହିଛି ବୋଲି କହିଥିଲେ। ନୂତନ ସରକାରଙ୍କ ଉତ୍କର୍ଷ ଓଡ଼ିଶା ୨୦୩୬ର ରୂପାନ୍ତରଣରେ ଏହା ସହଯୋଗ କରିବା ସହ ନୂତନ ଦିଗଦର୍ଶନର ବାର୍ତ୍ତା ବହନ କରିବ । ରାଜକନିକା ବ୍ଲକ ପରିସରରେ ଆୟୋଜିତ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଲୋକାଭିମୁଖୀ ଏହି କାର୍ଯ୍ୟକ୍ରମରେ ବିଡ଼ିଓ କୈଳାସ ଚନ୍ଦ୍ର ମହାଲିକ, ଏବିଡିଓ ଅଜୟ କୁମାର ବେହେରା, ଏମ୍‌ପ ପ୍ରତିନିଧି ଜୟପ୍ରକାଶ ଜଗତୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ୧୨୮ ଅନ୍ତ୍ୟୋଦୟ ହୀତାଧିକାରୀଙ୍କୁ ଆବାସ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ୨୯ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସିଆରପି, ଏମବିକେ, ଅଙ୍ଗନୱାଡ଼ି କର୍ମୀମାନେ ଯୋଗ ଦେଇଥିବା ବେଳେ, ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ରଞ୍ଜନ ସାମଲ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହାବାଦ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୩୬ଜଣଙ୍କୁ ବାଣ୍ଟିଲେ ବିଧାୟକ

ପାଟକୁରା,୨୩।୪(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଉପସ୍ଥିତ ରହି ଜଗନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପଜାଳି ଏହି ଦିବସ ପାଳନ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ସଶକ୍ତୀକରଣ ସମ୍ଭବ ହୋଇପାରୁଛି ଓ ତ୍ରିସ୍ତରୀୟ ପଞ୍ଚାୟତିରାଜରେ ମହିଳାମାନେ ଭାଗ ନେଇ ଗ୍ରାମାଞ୍ଚଳ ବିକାଶକୁ ଆଗକୁ ନେଇ ପାରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକରେ ଗରିବ, ବିଧବା, ଶାରୀରିକ ଅକ୍ଷମ ବାସହୀନ ୧୩୬ଜଣ ବ୍ୟକ୍ତିଙ୍କୁ ବିଧାୟକ ଅନ୍ତ୍ୟୋଦୟ ଯୋଜନାରେ ଗୃହ ଆବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ମହିଳା ଶସକ୍ତୀକରଣ ଉପରେ ଗୁରୁତ୍ୱ ଦେଇଥିଲେ । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ପାଇଁ ମହିଳାଙ୍କ ଭୂମିକା ସବୁଠୁ ଉପରେ ବୋଲି ଅଧ୍ୟକ୍ଷ କହିଥିଲେ । ସେମାନଙ୍କ ଚେଷ୍ଟା ଫଳରେ ପରିବାରର ଆର୍ଥିକ ଅଭିବୃଦ୍ଧି ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ସେ ମତବ୍ୟକ୍ତ କରିଥିଲେ । ବିଡ଼ିଓ ଆଲୋକ କୁମାର ସେଠୀଙ୍କ ଅଧ୍ୟକ୍ଷତରେ ଆୟୋଜିତ ପଞ୍ଚାୟତିରାଜ ଦିବସରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା, ଭାଜପା ନାରୀନେତ୍ରୀ ଡଲି ଶତପଥୀ, ସମିତିସଭ୍ୟ ଦିଲ୍ଲୀପ ସାହୁ, ଭାଜପା ଜିଲା ଉପସଭାପତି ବିଜୟ ନାୟକ,ଡାକ୍ତର ନିରଞ୍ଜନ କର,ଭାଜପା ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୯ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ

କେନ୍ଦ୍ରାପଡ଼ା, ୨୪।୪ (ଜଗନ୍ନାଥ ଧଳ)



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ପଞ୍ଚାୟତିରାଜ ଦିବସର ଜିଲାସ୍ତରୀୟ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମିଳିତ ଆୟୋଜନରେ ହୋଇଥିବା ଉତ୍ସବରେ ଜିଲାପାଳ ରଘୁରାମ ଆର ଆୟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମୀଣ ଅଞ୍ଚଳର ବିକାଶ ସହିତ କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟରେ ହୋଇଥିବା ଉଲ୍ଲେଖନୀୟ ଉନ୍ନତି ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେବା ସହ ଜାତୀୟ ପଞ୍ଚାୟତିରାଜ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ଜିଲାପାଳ ଆୟାର ୯ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେହିପରି, ୫ ଜଣ ହିତାଧିକାରୀଙ୍କୁ ୭୦,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ୬ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ କେନ୍ଦ୍ରାପଡ଼ା ଅଭିଷେକ ସ୍ୱାଇଁ, ଏବିଡିଓ ଅନିରୁଦ୍ଧ ବେହେରା, ଜିଲା ପରିଷଦ ସଭ୍ୟାସଭ୍ୟ, ଜନପ୍ରତିନିଧି, ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀ, ବିଭିନ୍ନ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହା ସହିତ, ଜିଲାର ଅନ୍ୟ ୮ ବ୍ଲକରେ ମଧ୍ଯ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଥିଲା। ବଲାଙ୍ଗୀରରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିବା ବେଳେ ଜିଲାର ସମସ୍ତ ଅତିଥିମାନେ ଆଭାସୀ ମାଧ୍ୟମରେ ଏହା ସହିତ ଯୋଡି ହୋଇଥିଲେ।

# ୪୦୦ରୁ ଊର୍ଦ୍ଧ୍ୱ ନୂଆ ଭତ୍ତା, ୩ ଜଣଙ୍କୁ ଭୂମିହୀନ ପଟ୍ଟା ପ୍ରଦାନ



ବ୍ଲକ ପରିସର ମଧ୍ୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ। ମଞ୍ଚରେ ଉପସ୍ଥିତ ଅତିଥି ।

ମହାକାଳପଡ଼ା, ୨୪।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଯୋଗ ଦେଇ ସିଦ୍ଧ ବଳଦେବଜୀଉଙ୍କ ତୈଳ ଚିତ୍ରରେ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ପରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ସୁନିଶ୍ଚିତ ବିକାଶ କ୍ଷେତ୍ରରେ ପଞ୍ଚାୟତର ମୁଖ୍ୟ ଭୂମିକା ରହିଛି। ତୃଣମୂଳସ୍ତରରେ ସାମାଜିକ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ହୋଇଛି। ଆଗାମୀ ଦିନରେ ଭତ୍ତା ସମସ୍ୟା ରହିବ ନାହିଁ ବୋଲି କହିଛନ୍ତି। ଅତି ଗରିବ ଖଟିଖିଆ କୃଷକ ମୂଲିଆ ଆଦିବାସୀ ପରିବାରମାନଙ୍କୁ ବସୁନ୍ଧରା ଯୋଜନା ଓ କେ ଫର୍ମ ପଟ୍ଟା ସୁନିଶ୍ଚିତ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ପରେ ୩ ଜଣଙ୍କୁ ଭୂମିହୀନ ପଟ୍ଟା ପ୍ରଦାନ କରିଥିଲେ। ୪ ଶହରୁ ଅଧିକ ହିତାଧିକାରୀଙ୍କୁ ବିଧାୟକ ଡ଼. ନାୟକ ନୂତନ ଭତ୍ତା ବଣ୍ଟନ କରିଥିଲେ। ମଞ୍ଚରେ ଅତିଥି ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମୀରା ରାଣୀ ମହାନ୍ତି , ଏମ୍‌ପି ପ୍ରତିନିଧି ଜାନକୀ ପ୍ରଧାନ, ବିଡ଼ିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାର 1 ଦୀପକ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ।

# ୮୦୦ ଯୁବତୀ, ଯୁବକ ପାଇଲେ ପ୍ରମାଣପତ୍ର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

## ଏଏମ୍‌ଏନ୍‌ଏସ୍‌ର ଡିଜିଟାଲ ଦକ୍ଷତା ପଦକ୍ଷେପ

ପାରାଦୀପ, ୨୪।୪(ଶରତ ରାଉତ)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମ୍‌ଏନ୍‌ଏସ) ଏହାର ପ୍ରମୁଖ ସିଏସଆର୍ ପଦକ୍ଷେପ 'ଦକ୍ଷ' ଅଧୀନରେ ପାରାଦୀପ, କେନ୍ଦୁଝର, କେନ୍ଦ୍ରାପଡ଼ା ଏବଂ ବଡ଼ବିଲ୍‌ର ୮୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଡିଜିଟାଲ ଜୀବିକା ସଶକ୍ତୀକରଣ କ୍ଷେତ୍ରରେ ଏକ ପ୍ରମୁଖ ଉପଲବ୍ଧି ହାସଲ କରିଛି। ଏନେଇ ନାସ୍କମ ସହଭାଗିତାରେ ଆଇଟି/ଆଇଟିଇଏସ ବିଭାଗରେ ଡିଜିଟାଲ ଦକ୍ଷତା ପ୍ରଶିକ୍ଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ୨୦୦ରୁ ୨୨୫ ଘଣ୍ଟା ବୈଷୟିକ ଏବଂ ସଫ୍ଟ ସ୍କିଲ ପ୍ରଶିକ୍ଷଣ, ଶିଳ୍ପ ବିଶେଷଜ୍ଞଙ୍କ ପରାମର୍ଶ ଏବଂ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅଂଶଗ୍ରହଣକାରୀମାନେ ଡୋମେଷ୍ଟିକ ଡାଟା ଏଣ୍ଟ୍ରି ଅପରେଟର ଏବଂ ଆଇଟି ହେଲ୍ପଡେସ୍କ ଆଟେଣ୍ଡାଣ୍ଟ ଭଳି ପଦବୀ ପାଇଁ ପ୍ରମାଣପତ୍ର ହାସଲ କରିଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ ବର୍ତ୍ତମାନ ସୁଦ୍ଧା ୧୮୯୫ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୧,୧୫୩ ଜଣ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାରେ ନିଯୁକ୍ତି ପାଇସାରିଛନ୍ତି। ପାରାଦୀପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଉପସ୍ଥିତ ଥିଲେ। ସେହିପରି ବଡ଼ବିଲ କାର୍ଯ୍ୟକ୍ରମରେ ବଡ଼ବିଲ ଶ୍ରମ ପ୍ରବର୍ତ୍ତନ ଅଧିକାରୀ ଫସିହୁଲ ହାସନ ଯୋଗ ଦେଇଥିଲେ। କମ୍ପାନୀ ଅଧିକାରୀ ସି.ଏଚ୍. ହରି ପ୍ରସାଦ, ଜୟ କିଶନ ଶର୍ମା, ଅଜିତ ସିଂ, ବନଜ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଜିତ୍



@ ଲିଅନ୍



@ ସଚିନ



@ ସିଦ୍ଧେଶ୍ୱର



@ ସତ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ରାଜକନିକା,୨୪।୪
(ସଞ୍ଜୟ କୁମାର ଦାଶ)

ରାଜକନିକା କଣ୍ଟପଡା ବାଜାରରୁ ଗୁରୁବାର ରାତିରେ ଘରକୁ ଫେରୁଥିବା ସମୟରେ ସଡ଼କ ଦୁର୍ଘଟରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତ୍ୱର ଆହତକୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ହିମାଂଶୁ ସାହୁ(ଲକି)(୧୮)। ଗୁରୁତର ହେଲେ ଶାନ୍ତନୁ ମଲିକ(୧୭) । ସୂଚନା ଅନୁଯାୟୀ, ରାଜକନିକା ଥାନା ଅନ୍ତର୍ଗତ କୋରନ୍ଦ ପଞ୍ଚାୟତ ଦୋସଉତ୍ତୁଣୀ ଗାଁର ହିମାଂଶୁ ଓ ଶାନ୍ତନୁ ସ୍ଥାନୀୟ କଣ୍ଟପଡା ବଜାରୁ ଏକ ବାଇକ୍ ଯୋଗେ ଘରକୁ ରାତି ୧୧ଟା ରେ ଫେରିବା ବାଟରେ ବଦରଜା ଛକ ନିକଟରେ ଏକ ଗଛରେ ପିଟିହୋଇ ଘଟଣା ସ୍ଥଳରେ ଦୁଇଜଣ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କ ଚିତ୍କାର ଶୁଣି ସେମାନଙ୍କୁ ଉଦ୍ଧାରକରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ହିମାଂଶୁଙ୍କୁ ମୃତ ଘୋଷଣା କରିଥିବା ବେଳେ, ଶାନ୍ତନୁଙ୍କୁ ଜିଲା ସାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରଯାଇଛି। ରାଜକନିକା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଜି ପଠାଇଥିବା ସୂଚନା ମିଳିଛି।

# ଜେଏସ୍‌ଡବ୍ଲ୍ୟୁର ବେଆଇନ କାର୍ଯ୍ୟ ବିରୋଧରେ ହେବାକୁଥିବା ପଦଯାତ୍ରା ଭଣ୍ଡୁର ଉଦ୍ୟମ

## ପୁରୁଣା ମାମଲାରେ ଆନ୍ଦୋଳନକାରୀ ଯୁବକ ଗିରଫ

କୁଜଙ୍ଗ, ୨୪।୪(ମନୋଜ ପ୍ରଧାନ)

ଜଗତସିଂହପୁର ଜିଲା ଢିଙ୍କିଆ ଠାରେ ନିର୍ମାଣାଧୀନ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ଜନ ମାରଣ ନୀତି ଓ ବେଆଇନ କାର୍ଯ୍ୟ ବିରୋଧରେ ଏପ୍ରିଲ ୨୬ରୁ କଂଗ୍ରେସ ପକ୍ଷରୁ ଜିଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସଙ୍କ ନେତୃତ୍ୱରେ ଢିଙ୍କିଆରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏହି ଯାତ୍ରା ଭଣ୍ଡୁର କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ଶୁକ୍ରବାର ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଜନ ଆନ୍ଦୋଳନକାରୀ ଯୁବକ ଭ୍ରମରବର ଦାସଙ୍କୁ ୨୦୨୧ ମସିହାରେ ହୋଇଥିବା ମାମଲା (ନଂ. ୧୪୧/୨୧) ଆଧାରରେ ଅଭୟଚାନ୍ଦପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଚାପା ଅସନ୍ତୋଷ ପ୍ରକାଶ ପାଇଛି। ଏରସମା ବ୍ଲକ ୪ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ଉକ୍ତ ଗିରଫଦାରିକୁ ନିନ୍ଦା କରିବା ସହ ପ୍ରତିକ୍ରିୟାରେ କହିଛନ୍ତି, କମ୍ପାନୀ ବିରୋଧରେ ହେବାକୁ ଥିବା ପଦଯାତ୍ରାକୁ ଭଣ୍ଡୁର କରିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ଏଭଳି ହୀନ ଉଦ୍ୟମ କରାଯାଇଛି। ଯଦି ପୁରୁଣା କେସ ଥିଲା ତେବେ ପୂର୍ବରୁ ଗିରଫ ନ କରି ପଦଯାତ୍ରାର ଗୋଟିଏ ଦିନ ପୂର୍ବରୁ ଗିରଫ କରିବାର ଉଦ୍ଦେଶ୍ୟ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତଙ୍କୁ ପଚାରିବାରେ ସରକାରୀ କାର୍ଯ୍ୟରେ ବାଧା ଦେବା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଭ୍ରମରଙ୍କ ନାଁରେ ପୂର୍ବରୁ ୨ଟା ମାମଲା ଥିଲା। ଉକ୍ତ ମାମଲା ଆଧାରରେ ଭ୍ରମରଙ୍କୁ ଗିରଫ କରାଯାଇଛି।

# ନିର୍ବାହୀ ଅଧିକାରୀଙ୍କ ମନମାନି ବିରୋଧରେ ମେଳି

- ଜିଲାପାଳଙ୍କୁ ଭେଟିଲେ ଅଧ୍ୟକ୍ଷା, କାଉନସିଲର
- କାଉନସିଲ ବୈଠକ ବାତିଲ କରି ଫେରାଦ୍

ନୟାଗଡ଼,୨୪।୪(ଲୋକନାଥ ମିଶ୍ର)


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କାଉନସିଲରମାନେ।

ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ମନମାନି ବିରୋଧରେ କାଉନସିଲର ଓ ଅଧ୍ୟକ୍ଷ ମେଳି ହୋଇ ଜିଲାପାଳଙ୍କୁ ଭେଟିଛନ୍ତି। ଏପରିକି ଶୁକ୍ରବାର ଥିବା କାଉନସିଲ ବୈଠକକୁ ବାତିଲ କରିଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟିରେ କାଉନସିଲି ବଡି ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବିବାଦ ହେବା ପରେ ନୟାଗଡ଼ ସହରରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି।

ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ ଗତ ଫେବୃଆରୀ ୨୭ରେ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଏହାର ରିଜୋଲେଶନ କପି ଏପ୍ରିଲ ୨୩ ସୁଦ୍ଧା କାଉନସିଲର ଅଥବା ଅଧ୍ୟକ୍ଷାଙ୍କ ନିକଟରେ ପହଞ୍ଚିଲା ନାହିଁ। ବୈଠକର ୭ ଦିନ ଭିତରେ ରିଲେଶନ କିପି ଦେବାର ସରକାରୀ ନୟମ ରହିଛି। ସରକାରୀ ନିୟମକୁ ଅଣଦେଖା କରି ନିର୍ବାହୀ ଅଧିକାରୀ ଦେଉ ନ ଥିବା ଅଭିଯୋଗ ରହିଛି। ଏପ୍ରିଲ ୨୪ରେ କାଉନସିଲ ବୈଠକ ହେବାର ଥିଲା। ରିଜୋଲେଶନ କପି ନ ମିଳିବାରୁ କାଉନସିଲର ଓ ଅଧ୍ୟକ୍ଷା ବିରକ୍ତି ହୋଇ ବୈଠକ ବାତିଲ କରିଥିଲେ। ଅନ୍ୟପକ୍ଷେ ଅଧ୍ୟକ୍ଷଙ୍କ ଅନୁମତି ନନେଇ ବୈଠକରେ ଅନେକ ପ୍ରସ୍ତାବ ପାସ୍ ବି କରାଯାଉଛି। ପୁଣି ସରକାରୀ ଅନୁଦାନ, ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଚିଠି ଅଧ୍ୟକ୍ଷ ଅଥବା କାଉନସିଲରଙ୍କୁ ଦେଖାଯାଉ ନାହିଁ। କାର୍ଯ୍ୟାଦେଶ ପାଇ କାମ ଶେଷ କଲା ପରେ ଠିକାଦାରମାନେ ବିଲ୍ ପାଉ ନାହାନ୍ତି। ବିଲ୍ ପ୍ରଦାନରେ ଜାଣିଶୁଣି ବିଳମ୍ବ କରିବା ପରେ ଉନ୍ନୟନ କାମ କରିବାକୁ ଧିରେ ଧିରେ ଠିକାଦାର ରାଜି ହେଉ ନାହାନ୍ତି। ସେହିପରି ସହରରେ ସିସିଟିଭି ଲାଗିବା, ଅଡିଟୋରିୟମର ସମସ୍ତ ପାଇଖାନା କାର୍ଯ୍ୟ ଶେଷ କରିବା, ପୋଖରୀ ପୁନରୁଦ୍ଧାରଓ ପାଠାଗାର ନବୀକରଣ କାର୍ଯ୍ୟ ଏଯାବତ ହେଲା ନାହିଁ। ପରିଷଦର ଅଜାଣତରେ ବଡ ଖାନା, ସ୍ୱଛ ବାହାର ଆଦି ବଡ ବଡ କାର୍ଯ୍ୟ କରାଯାଉଛି। ପୁଣି ମୁଖ୍ୟାଳୟରେ ନିର୍ବାହୀ ଅଧିକାରୀ ରହୁ ନାହାନ୍ତି, ପ୍ରତିଦିନ ଭୁବନେଶ୍ୱର ଯାତାୟାତ କରୁଛନ୍ତି। ଅଧିକାଂଶ ଲୋକ ନିର୍ବାହୀ ଅଧିକାରୀଙ୍କୁ ଭେଟିବାକୁ ଆସି ଅପେକ୍ଷା କରି ଫେରୁଥିବା ଅଭିଯୋଗ ହୋଇଛି। ଏନେଇ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ କୁହନ୍ତି, ନିର୍ବାହୀ ଅଧିକାରୀଙ୍କ ବିରୋଧରେ ମେଳି ବାନ୍ଧିବାର କିଛି କଥା ନାହିଁ। ୨ମାସ ହେଲା ମିଟିଂ ଶେଷ ହୋଇଥିଲେ ମଧ ରିଜୋଲେଶନ କପି ଅଧ୍ୟକ୍ଷାଙ୍କୁ ମିଳିଲାନି। ମିଟିଂ ହେବ ବୋଲି ଯେତେବେଳେ ନୋଟିସ୍ କାଉନସିଲରଙ୍କ ପାଖକୁ ଯାଉଛି ସେଥିରେ ପୂର୍ବ ବୈଠକର ରିଜୋଲେଶନ କପି ଯାଉନି ଦର୍ଶାଇ କାଉନସିଲରମାନେ ନୋଟିସ୍‌ରେ ଦସ୍ତଖତ କରିବାକୁ ରାଜି ହେଉ ନାହାନ୍ତି। ମୁଁ ରିଜୋଲେଶନ କପି ମାଗିଲା ବେଳେ ମୋ ଉପରେ ନିର୍ବାହୀ ଅଧିକାରୀ କ୍ଷୁବ୍ଧ ହୋଇ ମନଇଛା କଥା କହୁଛନ୍ତି। ନିର୍ବାହୀ ଅଧିକାରୀଙ୍କ ଅସହଯୋଗରୁ ସହର ଚଳାଇବା କାଠିକର ପାଠ ହୋଇ ପଡିଛି। ନିର୍ବାଚିତ ପ୍ରତିନିଧିମାନେ ଯଦି ଲୋକମାନଙ୍କର ସୁବିଧା ଅସୁବିଧା ବୁଝିବେ ନାହିଁ କଣ କରିବେ। ନିର୍ବାହୀ ଅଧିକାରୀଙ୍କ ଉପରେ କର୍ମଚାରୀ, କାଉନସିଲରର ଓ ସହରବାସି ଅସନ୍ତୁଷ୍ଟ ହୋଇ ପଡିଲେଣି। ଅନ୍ୟପକ୍ଷେ କାଉନସିଲ ବଡିଂ ଉପରେ ନିର୍ବାହୀ ଅଧିକାରୀ ହସ୍ତକ୍ଷେପ କରିବା ପରେ ବୈଠକ ବାତିଲ କରି ଜିଲାପାଳଙ୍କୁ ଭେଟିଛୁ। ଆମର ଯାହା ଅସୁବିଧା ଅଛି ଜିଲାପାଳଙ୍କୁ ଲେଖି ଅବଗତ କରାଇଛୁ। ଜିଲାପାଳ ଏ ନେଇ ଅନୁଧ୍ୟାନ କରି ପଦକ୍ଷେପ ନେବେବୋଲି କହିଛନ୍ତି। ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି, ଗତ ବୈଠକର ରିଜେଲେଶନ କପି ନିଜେ ଚେୟାରମ୍ୟାନ, ଭାଇସଚେୟାରମ୍ୟାନ ଓ କେତେକ କାଉନସିଲର ପ୍ରସ୍ତୁତ କରି ମୋତେ ପ୍ରାୟ ୩ଦିନ ତଳେ ଦେଇଛନ୍ତି। କପି ମୁଁ ସବୁ କାଉନସିଲର ଓ ଅଧ୍ୟକ୍ଷଙ୍କୁ ଦେଇଥାନ୍ତି। ଆଜିର ବୈଠକ ବାତିଲ ହୋଇଛି କି ନାଁ ମୋତେ କୁହାଯାଇନି। ତେବେ ବୈଠକ ବାତିଲ ହେଲେ କିଛି ଅସୁବିଧା ନାହିଁ ପୁଣି ବୈଠକ କରାଯାଇ ପାରିବ। ରିଜୋଲେଶନ କପି ଦେବାରେ ଅସବୁବିଧା ନାହିଁ। ରିଜୋଲେଶନ କପିକୁ ନେଇ କାହିଁକି ଇସ୍ୟୁ କରାଗଲା ଜାଣି ନାହିଁ। ନିୟମ କାନୁନ ଭିତରେ ଯାହା କରାଯିବ ମୁଁ କରିବି ବୋଲି ପ୍ରଥମରୁ କହି ଆସିଛି। ମୋ ଉପରେ ବେନିୟମ କାମ ଲଦିଲେ କେବେ କରିବି ନାହିଁ ବୋଲି ସ୍ପଷ୍ଟ କରି ସାରିଛି। ମୁଁ କାହାରିକି ହଇରାଣ କରି ନାହିଁ, କାହା ଉପରେ ମନମାନି ଦେଖାଇ ନାହିଁ। ମୋ ନାଁରେ ମନଇଛା ଅଭିଯୋଗ କଲେ ମୁଁ କଣ କରିପାରିବି କହି କ୍ଷୋଭ ପ୍ରକାଶ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଭିଜିତ୍


@ ଲିଅନ୍


@ ସଚିନ


@ ସିଦ୍ଧେଶ୍ୱର


@ ସତ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୋରଡାଗଡ଼ ଲଙ୍କାପୋଡ଼ି ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସ ସଭାରେ ମଞ୍ଚାସୀନ ଅତିଥିଗଣ।

ନୂଆଗାଁ, ୨୪।୪(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ କୋରଡାଗଡ ଲଙ୍କାପୋଡି ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା-୨୦୨୬ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାମ ନବମୀଠାରୁ ଆରମ୍ଭ ହୋଇଥିବା ରାମ ନାଟକରେ କୋରଡା ଗ୍ରାମର କଳାକାରମାନେ ରାମାୟଣରେ ବର୍ଣ୍ଣିତ ଚରିତ୍ରମାନଙ୍କ ମୁଖା ପରିଧାନ କରି ପ୍ରତିଦିନ ସନ୍ଧ୍ୟାରେ ଅଭିନୟ କରିଥିଲେ। ଶେଷରେ ରାବଣ ନିଧନ, ଲଙ୍କାପୋଡି ଓ ରାମଚନ୍ଦ୍ରଙ୍କ ରାଜାଭିଷେକ ପରେ ରାମ ନାଟକ ସମାପ୍ତ ହୋଇଥିଲା। ରାମ ନାଟକର ଶେଷ ଦିନରେ ଲଙ୍କାପୋଡି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଲଙ୍କାପୋଡି ଯାତ୍ରା ପରେ ଲଙ୍କାପୋଡି ମହୋତ୍ସବ କରି ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଉଥିଲା। ଏହି ଅବସରରେ ୪ ଦିନ ଧରି ନାଟକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ କୋରଡା ବାପୁଜୀ ନାଟ୍ୟ ସଂସଦ, ସିକ୍ରିଡା

## ନାଟକ ପ୍ରତିଯୋଗିତାରେ ଜିଗିନିପଡ଼ା ପ୍ରଥମ

ଗଜାନନ ନାଟ୍ୟ ସଂସଦ, ଜିଗିନିପଡା ତାରିଣୀ କ୍ଲବ ନାଟ୍ୟ ସଂସଦ, ନୂଆଗାଁ ଦାଶରଥି ନାଟ୍ୟ ସଂସଦ କଳାକାରମାନେ ଭାଗ ନେଇଥିଲେ। କଳାକାରମାନେ ଶିଖିଥିବା ସାମାଜିକ ନାଟକ ୪ ଦିନ ଧରି ପ୍ରଦର୍ଶନ କରିଥିଲେ। ବିଚାରକମଣ୍ଡଳୀ ପ୍ରଦର୍ଶିତ ନାଟକର ବିଭିନ୍ନ ଦିଗକୁ ଦେଖି ସର୍ବଶ୍ରେଷ୍ଠ ନାଟକ ପ୍ରଦର୍ଶନ କରିଥିବା ନାଟ୍ୟ ସଂସଦକୁ ଚୟନ କରିଥିଲେ। ଏଥିରେ ଜିଗିନିପଡା ତାରିଣୀ କ୍ଲବ ନାଟ୍ୟ ସଂସଦ 'ଅସତୀ ତୁଳସୀ ସତୀ ଚଉରା' ସାମାଜିକ ନାଟକ ପରିବେଷଣ କରି ପ୍ରଥମ ସ୍ଥାନ ହାସଲ କରିଥିଲା।

ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ରାଜ୍ୟର ବିଭିନ୍ନ କଳା ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଲଙ୍କାପୋଡି ମହୋତ୍ସବ ସଭାପତି ଗୋଲକ ବିହାରୀ ଗୋଚ୍ଛାୟତଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଦିବସ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକ, ସରପଞ୍ଚ ନିରୁପମା ପାତ୍ର, ଶିଶୁ ମନ୍ଦିର ଅଧକ୍ଷ ଜିତେନ୍ଦ୍ର କୁମାର ପଣ୍ଡା, ଗ୍ରାମ ସଭାପତି ପ୍ରମୋଦ କୁମାର ଦାସ, ବିଜୟ ଦାସ, ବସନ୍ତ କୁମାର ଚୌଧୁରୀ, ଭଗବାନ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ବକ୍ତବ୍ୟ ରଖି ପୂର୍ବତନ ବିଧାୟକ ନାୟକ କହିଥିଲେ, କୋରଡାଗଡ ହେଉଛି କଳା ଓ ସଂସ୍କୃତିର ମାଟି। କୋରଡାଗଡ ଲଙ୍କାପୋଡି ଭଳି ୨ଶହ ବର୍ଷର ପରମ୍ପରାକୁ ପ୍ରତିବର୍ଷ ଲୋକଲୋଚନକୁ ଆଣି ନିଜର କଳାକୁ ମନେ ପକାଉଛି ବୋଲି କହିଥିଲେ। ଉପାଧକ୍ଷ ସ୍ୱାଇଁ କହିଥିଲେ, ଏଭଳି ମହୋତ୍ସବ ଆୟୋଜନ କରି କୋରଡାଗଡ଼ବାସୀ ଭାଇଚାରା ସୃଷ୍ଟି କରିବା ସହ ଆମ ଐତିହ୍ୟ ପରମ୍ପରାକୁ ବଜାୟ ରଖିଛନ୍ତି ।

# ଚିକିତ୍ସାଧୀନ ଅବସ୍ଥାରେ ଜ୍ୱାଇଁଙ୍କ ମୃତ୍ୟୁ

ନୟାଗଡ/ରଣପୁର,୨୪।୪(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

## ଗ୍ୟାସ୍ ଟାଙ୍କିରୁ ନିଆଁ ଲାଗି ୬ ଗୁରୁତର ଘଟଣା

ରଣପୁର ଦାଣ୍ଡସାହିରେ ଗତ ୧୨ତାରିଖ ଗ୍ୟାସ ଟାଙ୍କିରୁ ନିଆଁ ଲାଗି ଭୁବନେଶ୍ୱର ଏମସ୍‌ରେ ଚିକିତ୍ସାଧିନ ଥିବା ୬ଜଣଙ୍କ ମଧ୍ୟରୁ ଶାଶୁଙ୍କର ମୃତ୍ୟୁ ଘଟିଥିବାବେଳେ ଏବେ ଜ୍ୱାଇଁଙ୍କର ମତ୍ୟୁ ଘଟିଛି। ମୃତକ ହେଲେ ଲଳିତ ପ୍ରହରାଜ(୩୬)। ଘର ରଣପୁର ଦାଣ୍ଡସାହିରେ। ଗ୍ୟାସ ନିଆଁରୁ ୨ଜଣଙ୍କର ମୃତ୍ୟୁ ପରେ ଉଭୟ ପରିବାରରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଯେ, ରଣପୁର ଦାଣ୍ଡସାହିରେ ଗତ ୧୨ତାରିଖ ରାତିରେ ସନ୍ତୋଷ ପ୍ରହରାଜଙ୍କ ବୋହୁ ବିଜୟଲକ୍ଷ୍ମୀ ରୋଷେଇ କରୁଥିବାବେଳେ ଗ୍ୟାସ ଟାଙ୍କିରେ ନିଆଁ ଲାଗି ଯାଇଥିଲା। ଏଥିରେ ସନ୍ତୋଷ ପ୍ରହରାଜ(୬୪)ଙ୍କ ସମେତ ବୋହୁ ବିଜୟଲକ୍ଷ୍ମୀ(୩୦), ପୁଅ ଲଳିତ(୩୬), ଲଳିତଙ୍କ ଶାଶୁ ଗୀତାଞ୍ଜଳି ଓ ଶାଳୀ ନୀତାଶ୍ରୀ(୧୭), ଘରେ କାମ କରୁଥିବା ଯୁବକ ଅଇଁଠା ବାରିକ(୪୦) ଗୁରୁତର ହୋଇଥିଲେ। ଘଟଣା ଘଟିବାର ଦ୍ୱିତୀୟ ଦିବସରେ ଶାଶୁଙ୍କର ମୃତ୍ୟୁ ଘଟିଥିବାବେଳେ ୧୩ତମ ଦିବସରେ ଜ୍ୱାଇଁ ଲଳିତଙ୍କ ମୃତ୍ୟୁ ହୋଇଛି। ଲଳିତଙ୍କର ଏକ ୭ବର୍ଷର ପୁଅ ଅଛି। ଲଳିତଙ୍କ ମୃତ୍ୟୁ ପରେ ପରିବାରରେ ଚିନ୍ତା ବଢ଼ିଯାଇଛି। ବିଜୟଲକ୍ଷ୍ମୀଙ୍କ ଘର ରଣପୁର ଦାଣ୍ଡସାହିକୁ ତାଙ୍କ ମା' ଗୀତାଞ୍ଜଳି ଓ ଭଉଣୀ ନୀତାଶ୍ରୀ ବୁଲିବାକୁ ଆସିଥିଲେ।

# ଟ୍ରକ୍-ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା, ଗର୍ଭବତୀ ଗୁରୁତର

ନୟାଗଡ଼,୨୪।୪(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ଅର୍ନ୍ତଗତ ଦୁରୁଦୁରା ପଞ୍ଚାୟତ ସିମିଳିସାହି ଗ୍ରାମ ନିକଟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥରେ ଟ୍ରକ୍-ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା ହୋଇଛି। ଆମ୍ବୁଲାନ୍ସରେ ଆସୁଥିବା ଗର୍ଭବତୀ ଗୁରୁତର ହୋଇଛନ୍ତି। ମହିଳାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ଦଶପଲ୍ଲାରୁ ଗର୍ଭବତୀ ରୋଗୀ ନେଇ ଏକ ଆମ୍ବୁଲାନ୍ସ ନୟାଗଡ଼ ଅଭିମୁଖେ ଆସୁଥିଲା। ବିପରୀତ ଦିଗ ନୟାଗଡ଼ରୁ ଦଶପଲ୍ଲା ଅଭିମୁଖେ ଓ ଜି୨୨୨୫ ନଂ ଟ୍ରକ୍ ଯିବାବେଳେ ମୁହାଁମୁହିଁ ଧକା ହୋଇଥିଲା। ଖବର ପାଇ ନୟାଗଡ଼ ସଦର ଥାନା ପୋଲିସ ପହଞ୍ଚି ଉଭୟ ଗାଡିକୁ ଜବତ କରି ନଂ. ୮୪/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।


ଟ୍ରକ୍-ଆମ୍ବୁଲାନ୍ସ ମୁହାଁମୁହିଁ।

# ନୟାଗଡ଼ରେ ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନୟାଗଡ଼,୨୪।୪ (ଲୋକନାଥ ମିଶ୍ର)

## କୋପରେଟିଭ ହାଇସ୍କୁଲ ବାଇଗୁଣିଆ ୨-୦ ଗୋଲରେ ବିଜୟୀ

ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟ ନୟାଗଡ଼ ସ୍ଥିତ ଖେଳ ପଡିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ କୋପରେଟିଭ ହାଇସ୍କୁଲ ବାଇଗୁଣିଆ ୨-୦ ଗୋଲରେ ନୟାଗଡ଼ ଫୁଟ୍‌ବଲ କ୍ଲବଠାରୁ ବିଜୟୀ ହୋଇଛି। ମ୍ୟାଚକୁ ଜିଲାପାଳ ମଧୁମିତା ରଥ ଉଦ୍‌ଘାଟନ କରି ଖେଳାଳୀମାନଙ୍କ ସହ କରମର୍ଦ୍ଦନ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ କମିଶନର ଭାବେ କମରୁଦ୍ଦିନ ଖାଁ ଖେଳ ପରିଚାଳନା କରିଥିଲେ।

# ବେଣାଗାଡିଆ ଗ୍ରାମରେ ଜବରଦଖଲ ଉଚ୍ଛେଦ

ଖଣ୍ଡପଡ଼ା,୨୪।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ନେଇ ତହସିଲ ପ୍ରଶାସନ ପକ୍ଷରୁ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନ ଚତୁର୍ଥ ଦିନରେ ପହଞ୍ଚିଛି। ପ୍ରଥମେ ଖଣ୍ଡପଡ଼ା ପରେ ପରେ ଗୁରୁବାର ଖଳିସାହିଁ ଅଞ୍ଚଳରେ ଜବର ଦଖଲ ପ୍ରକ୍ରିୟା ଅଭିଯାନ ଚାଲୁ ରହିଥିଲା। ଏ ପରିପ୍ରେକ୍ଷୀରେ ଖଣ୍ଡପଡା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ଉପସ୍ଥିତିରେ ଶୁକ୍ରବାର ବେଣାଗାଡିଆ ଗ୍ରାମରେ ଜବରଦଖଲ ଉଚ୍ଛେଦ ଅଭିଯାନ ଶେଷ ହୋଇଥିବା ଜଣାପଡିଛି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱସ୍ଥ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ବେଳେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖଳିସାହି ଓ ମର୍ଦ୍ଦରାଜପୁର ବଜାର ପରେ ବେଣାଗାଡିଆ ଗ୍ରାମରେ ଜବରଦଖଲ ଉଚ୍ଛେଦ ଅଭିଯାନ ଶେଷ ହୋଇଥିବା ଖଣ୍ଡପଡା ତହସିଲ ପ୍ରଶାସନ ସୂତ୍ରରୁ ପ୍ରକାଶ। ଅପର ପକ୍ଷରେ ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବରେ ପରିଚିତ କଣ୍ଟିଲୋ ନୀଳମାଧବ ପୀଠର ମୁଖ୍ୟ ରାସ୍ତା ପାର୍ଶ୍ୱ, ବିଶେଷ କରି ମନ୍ଦିର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ରାସ୍ତାକୁ ଜବର ଦଖଲ କରିଥିବା ସ୍ଥାନରୁ କେବେ ଉଚ୍ଛେଦ ଆରମ୍ଭ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।


ଜବରଦଖଲ ଉଚ୍ଛେଦ କରାଯାଉଛି।

# ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗାଁର ବିକାଶ ସମ୍ଭବ

## ନୂଆଗାଁ ବ୍ଲକରେ ପଞ୍ଚାୟତିରାଜ ଦିବସ

ନୂଆଗାଁ,୨୪।୪ (ଧନେଶ୍ୱର ସାହୁ)


ହିତାଧିକାରୀଙ୍କୁ ଅତିଥି ପ୍ରୋତ୍ସାହନ ରାଶିର ଚେକ୍ ପ୍ରଦାନ କରୁଛନ୍ତି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ଶୁକ୍ରବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ, ଗୁରୁତ୍ୱ ଆଭିମୁଖ୍ୟ ଉପରେ ଉପସ୍ଥିତ ଥିବା ଜନ ପ୍ରତିନିଧି ଓ ଜନସାଧାରଣଙ୍କୁ ବୁଝାଇଥିଲେ। ତେବେ ଗାଁର ବିକାଶ ପାଇଁ ସରକାର ଅନୁଦାନ ଦେଉଛନ୍ତି। ସେହି ଅନୁଦାନ ଠିକ୍ ଭାବେ ବିନିଯୋଗ ହେଉଛି କି ନାହିଁ, ସଠିକ୍ କାମ ହେଉଛି କି ନାହିଁ ସେସବୁ ପଞ୍ଚାୟତସ୍ତରରୁ ଯାଞ୍ଚ ହେବାର ଆବଶ୍ୟକତା ରହିଛି। ଏଥିପାଇଁ ତଳସ୍ତରର ଜନ ପ୍ରତିନିଧି ଓ୍ୱାର୍ଡ ସଭ୍ୟଙ୍କଠାରୁ ଆରମ୍ଭ କରି ବ୍ଲକ ଅଧ୍ୟକ୍ଷଙ୍କ ପର୍ଯ୍ୟନ୍ତ ପ୍ରତିନିଧିଙ୍କ ଗୁରୁତ୍ୱ ଅଧିକ। ଏପରିକି ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରତି ନାଗରିକ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ସରକାରୀ କାର୍ଯ୍ୟକୁ ତଦାରଖ କରିବାର ଆବଶ୍ୟକତା ରହିଛି। ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ହିଁ ଗାଁର ବିକାଶ ସମ୍ଭବ ବୋଲି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଏମ୍‌ପି ପାଣିଗ୍ରାହୀ କହିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ଅମୃତ କୁମାର ରାଉଳ, ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଓ ଭୀମସେନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଠିକ୍ ସମୟରେ ଆବାସ ଯୋଜନା ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଭାବେ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ପଞ୍ଚାୟତ ଓ ପାନୀୟ ଜଳ ବିଭାଗର ବିଭିନ୍ନ କାର୍ଯ୍ୟ ସୂଚାରୁରୂପେ କରି ପ୍ରଶଂସନୀୟ ହୋଇଥିବା ପାରାଡିପି ପଞ୍ଚାୟତକୁ ପ୍ରଥମ, ନୂଆଗାଁ ପଞ୍ଚାୟତକୁ ଦ୍ୱିତୀୟ ଓ ଦୁର୍ଦ୍ଦୁରା ପଞ୍ଚାୟତକୁ ତୃତୀୟ ସ୍ଥାନ ଅଧିକାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏବିଡିଓ ମୀନକେତନ ବେହେରା, ଜିପିଡିଓ ମନୋରଞ୍ଜନ ମହାପାତ୍ର , ସିପି ତୁଷାରକାନ୍ତ ପାଣିଗ୍ରାହୀ ଓ ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ରଘୁନାଥ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ରାଜ୍ୟ ସ୍ତରରେ ପାଳନ କରାଯାଉଥିବା ପଞ୍ଚାୟତିରାଜ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣକୁ ଉପସ୍ଥିତ ଥିବା ଜନସାଧାରଣ ଏଲଇଡି ମାଧ୍ୟମରେ ଦେଖିଥିଲେ।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଜନ ଜୀବନ ଅସ୍ତବ୍ୟସ୍ତ

ଖଣ୍ଡପଡା,୨୪।୪ (ଅଜୟ କୁମାର ମହାରଣା)

ଖଣ୍ଡପଡା ଅଞ୍ଚଳରେ ଗତ କିଛି ଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗ୍ରୀଷ୍ମର ପ୍ରକୋପ ଲାଗି ରହୁଥିବା ବେଳେ ରାତିରେ ଗୁଳୁଗୁଳି ଅନୁଭୂତ ହେଉଛି । ସକାଳ ୧୦ଟା ପରଠାରୁ ରାସ୍ତାଘାଟ ଶୂନଶାନ ହୋଇଯାଉଛି । ଗ୍ରୀଷ୍ମର ପ୍ରକୋପ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଜନ ଜୀବନକୁ ପ୍ରଭାବିତ କରୁଛି। ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଡା ଚାଲିଥିବା ମାଟି ଇଟା ଭାଟି ଯୋଗୁ ପରିବେଶ ଆହୁରି ଅଧିକ ଉତ୍ତପ୍ତ ହେଉଥିବା ଅଭିଯୋଗ ହେଉଛି । ଏଥିପ୍ରତି ତହସିଲ ପ୍ରଶାସନ ଦୃଷ୍ଟି ଦେଇ ମାଟି ଇଟା ଭାଟି ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି।

